# ଝରଣା[୧]

ଝରଣାରେ ଦିନେ
ଭାସି ଗଲା
ଆମ ସ୍ୱପ୍ନର ବୟସ ।।

ଚିନ୍ତା ନାହିଁ
ଭାସି ଯାଉ ।। ଏମିତି ତ
ଭାସି ଯାଇଛି
କେତେକେତେ
ଶୁଖିଲା କ୍ଷେତରୁ ନିଃଶ୍ୱାସ,
ଜଂଗଲର ଶୋଷ,
ଆଉ ଶବରୀର
ଯୁଆନ୍ ପାଦର ନାଲି ଅଳତା ।।

ହେଇ, ଭାସି ଯାଉଛି
ବୁଢ଼ା ବରଗଛର ପତ୍ର,
ପତ୍ରରେ ଆୟୁଷ ମାନଙ୍କୁ
ପ୍ରାଣପଣେ
ଜାବୁଡ଼ି ଧରିଥିବା ପିମ୍ପୁଡ଼ି,
ଦୂର ପାହାଡ଼କୁ
ଛାଡ଼ି ଆସିଥିବା କଳା ଚିଟି ।।

ମଧୁର....ଅତି ମଧୁର.....
ଏ ଝରଣା ସହିତ
ଆମ ଆଦିମ ସଂପର୍କ ।।
ତମେ ନିଜକୁ
ଥରେ ଭସେଇ ପାରିଲେ ହେଲା
ଏମିତି ଭାସିବ ଯେ ମାଆର କାଖ ତଳୁ
ଉଭାନ୍ ହୋଇ ଯିବ
କୁଆଁ କୁଆଁ ଶବ୍ଦ ।।

ତମେ ଖାଲି
ଭାସି ଚାଲିଥିବ

[୧] ମହାର୍ଣ୍ଣବ – ଡିସେମ୍ବର – ୧୯୯୮

ଆଖି ଖୋଲିବା ବେଳକୁ
ଏକ ଅଚିହ୍ନା ସମୁଦ୍ର
ତମକୁ ଟାଣି ଧରିଥିବ ।।

ତମ ଚାରିପାଖେ
ଝାପ୍ସା ଝାପ୍ସା ଏକ ଦୃଶ୍ୟ,
ସେ ଦୃଶ୍ୟରେ
ଦିଶି ଯାଉଥିବ
ସମୁଦ୍ର କେମିତି ଭସେଇ ନେଇଛି
ଝରଣାର ଶେଷ ରଂଗ,
ଆମ ପ୍ରତିବିମ୍ବ!!